ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ୪୩ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ପୁଣି ଟାର୍ଗେଟରେ ଫାଇନାନ୍ସ କର୍ମଚାରୀ**

**ଅନୁଗୋଳ,୧୬।୯(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ଶନିବାର ଏକ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ ଶ୍ରୀମତୀ ବେହେରା ଲୁଟର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ନିକଟରୁ ୪୨ ହଜାର ୮୫୮ ଟଙ୍କା, ମୋବାଇଲ ଓ ଟ୍ୟାବଲେଟ ନେଇଯାଇଥିବା ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୪୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶ୍ରୀମତୀ ଏକ ଫାଇନାନ୍ସ କମ୍ପାନୀରେ କ୍ଷେତ୍ର ସହାୟିକା ଭାବେ କାର୍ଯ୍ୟ କରୁଛନ୍ତି। ସେ ତାଙ୍କ ସ୍କୁଟି (ନଂ. ଓଡିଶା୫ ଏଫ–୭୨୧୯)ରେ ଲୋନ ଟଙ୍କା ଆଦାୟ ପାଇଁ ବାହାରିଥିଲେ। ଖାଲଗାଁ, ଅରାଡ଼ିହ, ସାରୁଆଲି, ନୂଆକ୍ଷେତାରୁ ଟଙ୍କା ଆଦାୟ କରି ଅପରାହ୍ନରେ ଫେରୁଥିବା ସମୟରେ ନୂଆକ୍ଷେତା ଶନି ମନ୍ଦିର ନିକଟରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ପରେ ବେକରେ ଭୁଜାଲି ଲଗାଇ ଟଙ୍କା ଲୁଟି ଗଡ଼ତରାସ ଆଡ଼କୁ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆକର୍ଷଣୀୟ ହେବ ଆରାଧନା

**ଆଲୁମିନିୟମ ନଗରୀରେ ଆକର୍ଷଣୀୟ ହେବ ଦେବଶିଳ୍ପୀଙ୍କ ଆରାଧନା। ସେଥିପାଇଁ ନିର୍ମାଣ ହୋଇସାରିଛି ସୁଉଚ୍ଚ ତୋରଣ। ଲାଗିସାରିଛି ରଙ୍ଗବେରଙ୍ଗର ଆଲୋକମାଳା। ଝଲମଲ କରୁଛି ବିଶ୍ୱକର୍ମାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ୨୦ ମଣ୍ଡପ। କେଉଁଠି ଲାଗିଥିବା ଦୋଳି ବୁଲିଲାଣି ତ ଆଉ କେଉଁ ମଣ୍ଡପ ନିକଟରେ ମିନାବଜାରରେ ଜମିଲାଣି ଗହଳି। ଭଲିକି ଭଲି ଖାଦ୍ୟର ପସରା ସାଙ୍ଗକୁ ବଢୁଥିବା ଭିଡ଼ ଅନୁଗୋଳ ଜିଲା ନାଲ୍‌କୋନଗରର ପରିବେଶକୁ ଉତ୍ସବମୁଖର କରିଦେଲାଣି।**



**ବଣ୍ଟଁରପାଳ,୧୬।୯(ଉପେନ୍ଦ୍ର ରାଉତ)**

- ଆଜି ଆଲୁମିନିୟମ ନଗରୀରେ ବିଶ୍ୱକର୍ମା ପୂଜା
- ଏଥର ୨୦ ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ
- ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ନାଲ୍‌କୋନଗର

ଅନୁଗୋଳ ଜିଲା ନାଲ୍‌କୋନଗରରେ ରବିବାର ପାଳନ ହେବ ବିଶ୍ୱବିନ୍ଧାଣୀଙ୍କ ପୂଜା। ସପ୍ତାହେ ଧରି ଚାଲିବାକୁ ଥିବା ଏହି ଉତ୍ସବ ପାଇଁ ସଜେଇ ହୋଇଛି ସମଗ୍ର ଅଞ୍ଚଳ। ଆଖି ଝଲସାଇ ଦେବା ଭଳି ହୋଇଛି ସମସ୍ତ ବ୍ୟବସ୍ଥା। ଚିତ୍ତାକର୍ଷକ ମେଢ଼ ସାଙ୍ଗକୁ ଦେଶ ବିଦେଶର ବିଭିନ୍ନ ଐତିହ୍ୟର ଝଲକ ଦେଖିବାକୁ ମିଳୁଛି ତୋରଣରେ। ବିଶେଷକରି ଆଲୋକ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ସଂଘ ପକ୍ଷରୁ ଭିନ୍ନ ଭିନ୍ନ ଆୟୋଜନ କରାଯାଇଛି। ଏପରି କି ପ୍ରତିଯୋଗିତାମୂଳକ ଭାବେ ପୂଜା ପାଳନ କରାଯାଉଥିବାରୁ ଏହାକୁ ଦେଖିବାକୁ ଅତି ଆଗ୍ରହର ସହ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ।

ଚଳିତବର୍ଷ ନାଲ୍‌କୋନଗରରେ ୨୦ ମଣ୍ଡପରେ ବିଶ୍ୱନିୟନ୍ତାଙ୍କ ପୂଜା ପାଳନ ହେବ। ସ୍ମେଲଟର, ପଟ୍‌ଲାଇନ, କାଷ୍ଟହାଉସ ଏ, କାଷ୍ଟହାଉସ ବି, ରୋଡିଂଶପ୍ ଏ, ରୋଡିଂଶପ୍ ବି, ସିପିପି ଇଲେକ୍ଟ୍ରିକାଲ, ସିପିପି ଅପରେଶନ, ସିଏଚ୍‌ପି, ମେଟେରିଆଲ, ଜିଏପି, ବେକଓଭନ, ରୋଲିଙ୍ଗପ୍ଲାଣ୍ଟ, ମୋବାଇଲଶପ୍, ଠିକାଦାର ସଂଘ, କାର୍ବନ ଏରିଆ, ମେକାନିକାଲ, ପିଟିଏମଶପ୍ ଆଦି ବିଭାଗ ପକ୍ଷରୁ ସମସ୍ତ ଆୟୋଜନ ଶେଷ ହୋଇଛି। ସେହିପରି ଗତବର୍ଷ ନାଲ୍‌କୋ କଲୋନୀ ବାହାରେ ଦୋଳି, ମିନା ବଜାର ଓ ଉଠା ଦୋକାନ ପଡିଥିଲା ବେଳେ ଚଳିତବର୍ଷ ପୂଜା ପରିସରରେ ହିଁ ମିନାବଜାର ଓ ଦୋଳିର ବ୍ୟବସ୍ଥା ହୋଇଛି। ଏହାସାଙ୍ଗକୁ ପଲିଶ୍ରୀ ମେଳା ମଧ୍ୟ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ସାଜିବ ବୋଲି କୁହାଯାଉଛି। ଶନିବାର ସନ୍ଧ୍ୟାରୁ ବିଭିନ୍ନ ମଣ୍ଡପ ନିକଟରେ ଗହଳିଚହଳି ଆରମ୍ଭ ହୋଇଥିବା ଦେଖାଯାଇଛି। ବିଶେଷକରି ଦୋଳି ଓ ମିନାବଜାର ଖୋଲିଯାଇଥିବାରୁ ଜନସମାଗମ ବଢ଼ିବାରେ ଲାଗିଛି। ୨୪ ତାରିଖ ଯାଏ ଏହି ଉତ୍ସବ ଚାଲିବାକୁ ଥିବାରୁ ଜିଲା ଓ ଜିଲା ବାହାରୁ ଅନେକ ଦର୍ଶକ ଏଠାକୁ ଆସିବାକୁ ଥିବାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

### ମେଢ଼ ସାଜସଜ୍ଜା ଭଲ ହୋଇଛି



ଚଳିତବର୍ଷ ବହୁ ଆଡ଼ମ୍ବରରେ ଦେବଶିଳ୍ପୀଙ୍କ ପୂଜା ପାଳନ କରାଯିବାର ବ୍ୟବସ୍ଥା ହୋଇଛି। ୨୦ ମଣ୍ଡପରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଶେଷକରି ମେଢ଼ଗୁଡିକ ବେଶ୍ ଆକର୍ଷଣୀୟ ହୋଇଥିବାରୁ ଏହାକୁ ସମସ୍ତେ ପସନ୍ଦ କରିବେ।

-ବିଭବ ଜେନା, ସାଧାରଣ ସମ୍ପାଦକ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ

### ଝଲମଲ କଲାଣି ଅଞ୍ଚଳ



ଏଥର ବିଶ୍ୱକର୍ମା ପୂଜାରେ କୌଣସି କଟକଣା ନାହିଁ। ସେଥିପାଇଁ ଚଳିତ ବର୍ଷ ଧୁମ୍‌ଧାମରେ ପୂଜା ପାଳନ ହେବାକୁ ଯାଉଛି। ଆଲୋକମାଳାରେ ସମଗ୍ର ନାଲ୍‌କୋ ଅଞ୍ଚଳ ଝଲମଲ କରୁଛି। ଜନସମାଗମ ଆରମ୍ଭ ହୋଇଯାଇଥିବାରୁ ପରିବେଶ ଉତ୍ସବମୟ ହୋଇଉଠିଛି।

-ବୈରାଗୀ ସେଠ, ସାଧାରଣ ସମ୍ପାଦକ, ନେପୁ

### ପଲ୍ଲିଶ୍ରୀ ମେଳାରେ ଗହଳି



ବିଶ୍ୱକର୍ମାଙ୍କ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ବହୁ ପ୍ରକାର ଆୟୋଜନ କରାଯାଇଛି। ମିନାବଜାର, ଦୋଳି ଓ ପଲ୍ଲିଶ୍ରୀ ମେଳାର ବ୍ୟବସ୍ଥା ହୋଇଛି। ଏହି ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଏଥର ଅନ୍ୟତମ ଆକର୍ଷଣ ହେବ ବୋଲି ଏବେଠାରୁ ଜଣାପଡ଼ିଯାଉଛି।

- ମୁନା ସାମଲ, ସଭାପତି, ଆଲୁମିନିୟମ ମଜଦୁର ସଂଘ

### ଶାନ୍ତି ଶୃଙ୍ଖଳା ଉପରେ ପ୍ରାଧାନ୍ୟ



ଦେବଶିଳ୍ପୀଙ୍କ ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ସେଥିପାଇଁ ପ୍ରତିଟି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୨୯ ଏଏସ୍‌ଆଇ, ୧୧ ଏସ୍‌ଆଇ, ୫ ଇନ୍ସପେକ୍ଟର ଦାୟିତ୍ୱରେ ରହିଛନ୍ତି।

-କେ.କେ. ବେହେରା, ନାଲ୍‌କୋ ୱେଲଫେୟାର କମିଟି ମୁଖ୍ୟ

## ବିଜ୍ଞାନମେଳାରେ ୩୦ ପ୍ରକଳ୍ପ ପ୍ରଦର୍ଶିତ

**ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଜାମୁଡୋଲି ହାଇସ୍କୁଲ ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ମାଝି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମାନସ ରଞ୍ଜନ ପ୍ରଧାନ, ଜ୍ଞାନରଞ୍ଜନ ରାଉଳ, ନରହରି ସାହୁ, ବରୁଣ ବାରିକ, କଳ୍ପତରୁ ପ୍ରଧାନ, ମାନଭଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ୩୦ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିନିକେୟୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରତିକାନ୍ତ ପରିଡା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଛାତ୍ର ଧର୍ମାନନ୍ଦ ପ୍ରଧାନ ପ୍ରଥମ, ଛାତ୍ରୀ ପ୍ରଜ୍ଞା ସାହୁ ଦ୍ୱିତୀୟ ଓ ରାହୁଳ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ଜେନା ପରିଚାଳନା କରିଥିଲେ।



ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୧୬।୯(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ସେହି ଅଞ୍ଚଳର ଜନୈକ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୯୬/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ୨୦୨୨ ନଭେମ୍ବରରେ ଅଭିଯୁକ୍ତ ଯୁବକ ସମ୍ପୃକ୍ତା ଯୁବତୀଙ୍କୁ ଲିଙ୍ଗରା ନଦୀକୂଳରେ ବଳାତ୍କାର କରିଥିଲେ। ଏହାପରେ ବିବାହ ପ୍ରଲୋଭନ ଦେଖାଇ ଗତ ଅଗଷ୍ଟ ୩୦ରେ ଗ୍ରାମ ନିକଟସ୍ଥ ଆମ୍ବ ତୋଟାରେ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ବିବାହ ପାଇଁ ମନା କରିବାରୁ ଯୁବତୀ ଜଣଙ୍କ ଗତ ୧୫ ତାରିଖରେ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସମନ୍ୱୟ ରହିଲେ ଶିକ୍ଷାର ଉନ୍ନତି ହେବ





ଶିକ୍ଷକ ଓ ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଣିହାଁ,୧୬।୯(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଡେରେଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଗଡନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ସମ୍ମାନିତ ଅତିଥି ଦିଲୀପ କୁମାର ମିଶ୍ର, ବ୍ଲକ ସମ୍ପ୍ରସାରଣ ଅଧିକାରୀ କ୍ଷିତୀଶ କୁମାର ସେଠୀ, ଡେରେଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା ଯୋଗ ଦେଇଥିଲେ। ସମନ୍ୱୟ ରହିଲେ ଶିକ୍ଷାର ଉନ୍ନତି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶିକ୍ଷକ ଶ୍ରୀନିବାସ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଶରତଚନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ସୁଶାନ୍ତ ସାହୁ, ସଂଗ୍ରାମ ସାହୁ, ପ୍ରଭାତ ପାତ୍ର, ବିନୋଦ ଧୀର, ପ୍ରତାପ ବେହେରା ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## କବାଡ଼ି, ଖୋଖୋ ପ୍ରତିଯୋଗିତା

**ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲ ପରିସରରେ ଶନିବାର ଜୋନସ୍ତରୀୟ ଖୋଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭବେ ଗ୍ରାମ ସଭାପତି ବିବେକାନନ୍ଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ରଞ୍ଜନ ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ୧୨ଟି ବିଦ୍ୟାଳୟର ୧୭୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅରୁଣ ସାହୁ ପରିଚାଳନା କରିଥିଲେ।



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ପରିବେଶ ପରିଷ୍କାର ଉପରେ ଗୁରୁତ୍ୱ



ଅତିଥିମାନଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଫୁଲାମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫ ଦିନ ଧରି ଚାଲିଥିବା ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କିଭଳି ପରିବେଶକୁ ପରିଷ୍କାର ରଖିବେ ସେ ନେଇ ଅଧିକ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ, ଶିବରାମ ସାହୁ, ସୁବଳ ଭୁତିଆ, ପ୍ରଦୀପ ମାଝି, ଅଞ୍ଜନା ସାହୁ, ସତ୍ୟଜିତ ସାହୁ, ସୌଭାଗିନୀ ବେହେରା, ନୀହାର ଦେଓ, ଧରଣିଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ‘ଦେଶ ପ୍ରଗତିରେ କାର୍ଯ୍ୟ କର’

**କଣିହାଁ,୧୬।୯(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚ୍‌ପିସି ଅଫିସର୍ସ କ୍ଲବ ପରିସରରେ ଶୁକ୍ରବାର ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାଧାରଣ ପରିଚାଳକ ରଞ୍ଜନ ପରିଡ଼ା ଯୋଗଦେଇ ସାର୍ ବିଶ୍ୱେଶ୍ୱର ରାଏଙ୍କ ପଥ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୋଇ ଦେଶ ମାତୃକାର ପ୍ରଗତିରେ କାର୍ଯ୍ୟ କରିବାକୁ ଯୁବ ଇଞ୍ଜିନିୟରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପ ସାଧାରଣ ପରିଚାଳକ ପ୍ରଦୀପ ପ୍ରଧାନ, ବନ୍ଧ ବିଭାଗ ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା ଯୋଗ ଦେଇଥିଲେ। ଅଫିସର୍ସ କ୍ଲବର ସମ୍ପାଦକ ଯନ୍ତ୍ରୀ ବିଜୟ ନାଏକ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସମସ୍ତଙ୍କ ସହଯୋଗ ରହିଲେ ବିକାଶ ହୋଇପାରିବ

**ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ ବାଦିବାହାଳ ସେବାଶ୍ରମ ବିଦ୍ୟାଳୟରେ ବୁଧବାର ଶିକ୍ଷକ ଓ ମାତାପିତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରୋତ୍ତମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ନୋଡାଲ ଅଧିକାରୀ ଆଶୁତୋଷ ଲୋକନାଥ ଘଡେଇ, ଅନ୍ୟତମ ଅତିଥି ଭାବେ ଡେପୁଟି ଡାଇରେକ୍ଟର ସଂଘମିତ୍ରା ଦାସ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ବଇଣ୍ଡା ମେଡିକାଲର ଡାକ୍ତର ସରୋଜ କୁମାର ନନ୍ଦ, ଶିକ୍ଷକ ସବିତା ମଞ୍ଜରୀ ପ୍ରଧାନ, ସମୀର ନାୟକ, ମଧୁସ୍ମିତା ଦେହୁରୀ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ଅବଗତ କରାଇବା ସହ ସମସ୍ତଙ୍କ ସହଯୋଗ ରହିଲେ ବିଦ୍ୟାଳୟର ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅଭିଭାବକ ଶିବପ୍ରସାଦ ବେହେରା, ପିଙ୍କିରାଣୀ ପ୍ରଧାନ, ଚୁନି ପ୍ରଧାନ, ନିରୁପମା ସିଂ, କାଞ୍ଚନ କାନ୍ଦିଆ, ସୁରେଶ ବରଦିଆ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଶିକ୍ଷକ ଓ ମାତାପିତା ସହଭାଗିତା ବୈଠକରେ ମଞ୍ଚାସୀନ ଅତିଥିମାନେ।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଛେଣ୍ଡିପଦା,୧୬।୯(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ଅନୁଗୋଳ– ଛେଣ୍ଡିପଦା ୬୩ନଂ. ରାଜ୍ୟ ରଜପଥର କୁକୁରପେଟା ଡ୍ୟାମ୍ ନିକଟରେ ଶନିବାର ସନ୍ଧ୍ୟାରେ ପିକ୍‌ଅପ୍ ଧକ୍କାରେ ଜଣେ ବାଇକ ଅରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଶଳା ଗ୍ରାମର ପ୍ରମୋଦ ବେହେରାଙ୍କ ପୁଅ ଜିତୁ ବେହେରା। ଦୁର୍ଘଟଣା ପରେ ଗାଡ଼ି ନେଇ ପିକ୍‌ଅପ୍ ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଖବରଲେଖା ହେବା ବେଳକୁ ଆନ୍ଦୋଳନ ଜାରି ରହିଛି।

## ପଞ୍ଚାୟତ ଘେରାଉ, ରାଜ୍ୟ ସରକାରଙ୍କୁ ସମାଲୋଚନା



କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ଘେରାଉ।



ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ଭାଜପା ପକ୍ଷରୁ ପଞ୍ଚାୟତ ଘେରାଉ।

**ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)/ ମାଧପୁର, (ମନୋଜ ପ୍ରଧାନ)**

ରାଜ୍ୟ ସରକାର ଅନେକ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ କରି ଶନିବାର ଭାଜପା ପକ୍ଷରୁ କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ଘେରାଉ କରାଯାଇଥିଲା। ଭାଜପା ନେତା ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଅନେକ ଯୋଜନାକୁ ହଡ଼ପ କରୁଥିବା ଅଭିଯୋଗ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ନେତା ଅର୍ଜୁନ ପାଣ୍ଡେ, ସରୋଜ ସାହୁ, ହୃଦାନନ୍ଦ ପ୍ରଧାନ, ପାପୁନ ସେଠୀ, ବିଡିଓ ନାୟକ, ବାପୁନ ସେଠୀ, ଚିତ୍ତରଞ୍ଜନ ସ୍ୱାଇଁ, ବଳରାମ ପ୍ରଧାନ, ଜ୍ଞାନୀ ବିଶ୍ୱାଳଙ୍କ ସମେତ ବହୁ ଭାଜପା ନେତା ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ଭାଜପା ମଣ୍ଡଳ ପକ୍ଷରୁ ଶନିବାର ୩ଟି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଲୁଣହାଣ୍ଡି ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାଖୁଡଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସୁଧୀର ମିଶ୍ର, ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି କୁଦଗାଁ ପଞ୍ଚାୟତରେ ସ୍ଥାନୀୟ ନେତା ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ କୈଳାସ ମେଣ୍ଡୁଲି, ବିଭୀଷଣ କର୍ଣ୍ଣ, ଦୁଃଶାସନ କଳତା ସହଯୋଗ କରିଥିଲେ। ପୁରୁଣାମାଣତ୍ରୀ ପଞ୍ଚାୟତରେ ଶକ୍ତିକେନ୍ଦ୍ର ପ୍ରମୁଖ ପରମାନନ୍ଦ ବଘାର ଓ ମାଧପୁର ମଣ୍ଡଳର ବରିଷ୍ଠ ନେତା ରମେଶ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ଏହି ସମସ୍ତ ଘେରାଉରେ ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲା ଭାଜପା ସାଧାରଣ ସମ୍ପାଦକ ଭବାନୀପ୍ରସାଦ ଜ୍ୟୋତିଷରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

## ସଂକ୍ଷେପରେ

### ଶିକ୍ଷକ ଆନ୍ଦୋଳନକୁ ସମର୍ଥନ

ଆଠମଲ୍ଲିକ, ୧୬।୯ (ଉଦୀପ୍ତ ପୁରୋହିତ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନରେ ଆଠମଲ୍ଲିକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଶିକ୍ଷକ ଆନ୍ଦୋଳନ ୯ ଦିନରେ ପହଞ୍ଚିଥିବା ବେଳେ ଶନିବାର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ସଞ୍ଜୀବ କୁମାର ସାହୁ ପହଞ୍ଚି ସମର୍ଥନ ଦେଇଥିଲେ। ଶିଶୁମାନଙ୍କ ଭବିଷ୍ୟତ ଗଠନ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୩ ଦଫା ଦାବିକୁ ସରକାର କାଳ ବିଳମ୍ବ ନ କରି ପୂରଣ କରିବାକୁ ଦାବି ରଖିଥିଲେ। ଜିଲା ସଂଘ ସଭାପତି ପ୍ରଦୀପ କୁମାର ବାହୁକ, ବ୍ଲକ ସଭାପତି ତରୁଣ କୁମାର ପ୍ରଧାନ, ସମ୍ପାଦକ ନିରାକାର ମେହେରଙ୍କ ସମେତ ଶିକ୍ଷକ ନେତା ପଦ୍ମନାଭ ରାଉତ, ସଦାଶିବ ଦଳବେହେରା, ଧବଳେଶ୍ୱର ଦେହୁରୀ, ସୁଧାକର ତ୍ରିପାଠୀଙ୍କ ନେତୃତ୍ୱରେ ହାରାହାରି ୩୦୦ ଶିକ୍ଷକ ଧାରଣାରେ ଭାଗ ନେଇଥିଲେ। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କହିଛନ୍ତି, ଆଠମଲ୍ଲିକ ବ୍ଲକର ୧୮୯ ସ୍କୁଲ ମଧ୍ୟରୁ ୧୬୨ ସ୍କୁଲକୁ ୧୬ ତାରିଖ ସୁଦ୍ଧା ହାଇସ୍କୁଲ ଓ ଓପିଏସ ଶିକ୍ଷକଙ୍କୁ ଆଣି ପାଠ ପଢ଼ାଯାଉଛି।

# ସମୂହ ଛୁଟିରେ ଯିବେ ଏନ୍‌ପିଏସ୍ ଶିକ୍ଷୟିତ୍ରୀଶିକ୍ଷକ

ଢେଙ୍କାନାଳ, ୧୬।୯ (ରତନ ନାୟାର)



ବିଭିନ୍ନ ଦାବି ନେଇ ଏନପିଏସ୍ ଶିକ୍ଷକ ସଂଘର ପ୍ରତିବାଦ ଶୋଭାଯାତ୍ରା।

ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରୁଥିବା ଚୁକ୍ତିଭିତ୍ତିକ ଠିକା ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି ଶନିବାର ଜଣାଇଛନ୍ତି। ଫଳରେ ପ୍ରାଥମିକ ବିଦ୍ୟାଳୟ ଭଳି ବର୍ତ୍ତମାନ ହାଇସ୍କୁଲ ଗୁଡିକରେ ମଧ୍ୟ ତାଲା ପଡିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିୟମିତ କରାଯିବ ବୋଲି ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଥିଲେ ବି ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତି ଅନୁଯାୟୀ ଯେଉଁମାନେ ନିଯୁକ୍ତି ପାଇଛନ୍ତି, କେବଳ ସେହିମାନେ ଉପକୃତ ହେବେ ବୋଲି ଦର୍ଶାଯାଇଛି । ୨୦୦୪ରୁ ୨୦୧୩-୧୪ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଏହି ବିଜ୍ଞପ୍ତି ଅନୁଯାୟୀ କୌଣସି ସୁବିଧା ପାଇପାରିବେନି। ତେଣୁ ବିଜ୍ଞପ୍ତିରେ ରହିଥିବା ଶିକ୍ଷକଙ୍କ ମଧ୍ୟରେ ପାତର ଅନ୍ତର ନୀତି ବିରୋଧରେ ପୁନର୍ବାର ବିଚାର କରାଯିବା ଏବଂ ସମସ୍ୟାର ସମାଧାନ ଦିଗରେ ନିଷ୍ପତ୍ତି ନେବା ପାଇଁ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ଦୃଢ଼ ଦାବି କରାଯାଇଥିଲା। ଏପରି କି ଦୁଇଟି ବଡ ଆନ୍ଦୋଳନ କରାଯାଇଥିଲା। ଏହାପରେ ବିଭାଗୀୟ ସଚିବ ରାଜ୍ୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ୨ଟି ଦାବି ପୂରଣ କରାଯିବ ବୋଲି କହିବା ପରେ ରାଜ୍ୟ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା । ଏହାପରେ ସରକାର କିଛି ବ୍ୟାଚ୍‌ର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପେ ପ୍ରୋଟେକ୍ସନ ଭଳି ଏକ ଅସାମ୍ବିଧାନିକ ପ୍ରଣାଳୀ ପ୍ରୟୋଗ କରି ୨୦୧୦ରୁ ୨୦୧୬ ବ୍ୟାଚ୍‌ର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦରମାକୁ ସମାନ କରିଦେଇଥିଲେ। ଏହାକୁ ନେଇ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲେ। ଏହାକୁ ଓଡ଼ିଶା ସରକାରୀ ସ୍କୁଲ ମାଧ୍ୟମିକ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ବିରୋଧ କରିଛନ୍ତି। ତେଣୁ ଓଡ଼ିଶା ସରକାରୀ ହାଇସ୍କୁଲ ମାଧ୍ୟମିକ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ଆସନ୍ତା ୨୬ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ଗ୍ରହଣ କରିଛି। ଶନିବାର ଅନୁଷ୍ଠିତ ପ୍ରତିବାଦ ଶୋଭାଯାତ୍ରାରେ ଜିଲାର ସଦସ୍ୟ ଏବଂ ରାଜ୍ୟ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ, ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର ମଲିକ, ଜିଲା ସଂଘ ମହାସଚିବ ସଦାନନ୍ଦ ରାଉତ, ସମ୍ପାଦକ ଟିଙ୍କିନା ସାହୁ, ଆବାହକ ଯଶୋବନ୍ତ ମହାପାତ୍ର, ଉପଦେଷ୍ଟା ସୁଧାଂଶୁ ଶେଖର ପଣ୍ଡା, ଉପସଭାପତି ସଞ୍ଜୟ ମୁଦୁଲି, ଖଗେଶ୍ୱର ବେହେରା, ସୁଶାନ୍ତ ସାହୁ, ଗଗନ ପାଣିଗ୍ରାହୀ, ସୁବ୍ରତ ମିଶ୍ର, ଅନିଲ ନନ୍ଦ, ସରିତା ବିଶ୍ୱାଳ, ହରପ୍ରିୟା ଦାସ, ରେସମା ମିଶ୍ର, ଆକାଶ ଅଭିଶେକ ବେହେରା, ସସ୍ମିତା ସାହୁ, ଅଶୋକ ତରାଇ, ନବକିଶୋର ବେହେରା ଓ ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

କାମାକ୍ଷାନଗର, ୧୬।୯ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଲୁଅଝରଣ ସେବାଶ୍ରମରେ ଶନିବାର ଶିକ୍ଷକ ଓ ପିତାମାତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ବିଡିଓ ଅବିନାଶ ପାଣ୍ଡିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ ସାହୁ, ସ୍ଥାନୀୟ ସରପଞ୍ଚ ରାଧାକାନ୍ତ ନାୟକ, ସାମାଜିକ କର୍ମୀ ଭରତଚନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ମିତାଶ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃଷି ବିଭାଗ, ମତ୍ସ୍ୟବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ ପକ୍ଷରୁ ପଡ଼ିଥିବା ବିଭିନ୍ନ ଷ୍ଟଲ ଗୁଡ଼ିକୁ ଅଭିଭାବକମାନେ ପରିଦର୍ଶନ କରିଥିଲେ। ସରକାରୀ ଯୋଜନା ଗୁଡିକ କିଭଳି ଉପଯୁକ୍ତ ହିତାଧିକାରୀ ପାଇପାରିବେ ସେ ବିଷୟରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

# ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ମାଧପୁର, ୧୬।୯ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ହାଇସ୍କୁଲରେ ଗତ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଦିନ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ଶପଥପାଠ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମାହାର ଏବଂ ବିଭିନ୍ନ ବିଭାଗୀୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସ୍ଲୋଗାନ, ଲିଖନ, ତର୍କ ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ସଚେତନତା ପଦଯାତ୍ରା, କୁଇଜ ଆଦି ସମ୍ପନ୍ନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ପୁରସ୍କାର ପାଇଥିବା କୃତୀ ପ୍ରତିଯୋଗୀମାନେ।

# ମୋବାଇଲ ଜରିଆରେ ନାମ ପଞ୍ଜୀକରଣ ପରାମର୍ଶ


କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀମାନେ।

ଭୁବନ, ୧୬।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ପରିସରରେ ଶନିବାର 'ମୁଁ ବି ମିତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାମାକ୍ଷାନଗର ଅତିରିକ୍ତ ଜିଲାପାଳ ଦିପକ ମିଶ୍ର ଯୋଗଦେଇ କହିଲେ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଭୋଟର ସଂଶୋଧନ ଦାୟିତ୍ୱ ନେଇଛନ୍ତି। ସେହିଭଳି କଲେଜର ଛାତ୍ରୀଛାତ୍ର ମୋବାଇଲ ଜରିଆରେ ନିଜର ନାମ ପଞ୍ଜୀକରଣ କରିବା ସହ ନିଜ ପରିବାର ସଦସ୍ୟଙ୍କ ନାମ ଭୋଟର ତାଲିକାରେ ସାମିଲ କରି ସଂଶୋଧନ କଲେ ସମସ୍ୟାର ସମାଧାନ ହୋଇପାରିବ। ଅତିରିକ୍ତ ଜିଲାପାଳ ମୋବାଇଲ ଫୋନ ଯୋଗେ କିପରି ଭୋଟର ତାଲିକା ସଂଶୋଧନ ଓ ପଞ୍ଜୀକରଣ କରାଯାଇପାରିବ ଭିଡିଓ ମାଧ୍ୟମରେ ଦର୍ଶାଇଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଇଂଲିଶ ବିଭାଗ ଅଧ୍ୟାପକ ଅନିଲ ଧୀର ଧନ୍ୟବାଦ ଦେଇଥିଲେ।

# ନିଜ ଅଧିକାରର ସୁଯୋଗ ନିଅନ୍ତୁ ସମସ୍ତେ

କାମାକ୍ଷାନଗର, ୧୬।୯ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପ୍ରଶାସନ ପକ୍ଷରୁ ଶନିବାର କାମାକ୍ଷାନଗର ମହାବିଦ୍ୟାଳୟ ପରିସରରେ ଭୋଟର ସଚେତନତା କାର୍ଯ୍ୟକ୍ରମ 'ମୁଁ ବି ମିତା' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଙ୍ଗୁଳି ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ଭୋଟ ଦାନ ଏକ ଅଧିକାର, ପ୍ରତ୍ୟେକ ସାବାଳକ ଭୋଟର ଏହାର ସୁଯୋଗ ନେଇ ନିଜର ଅଧିକାର ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଉପଜିଲାପାଳ ଦିପକ ମିଶ୍ର ଯୋଗଦେଇ ଭୋଟର ତାଲିକାରେ ନାମ ସଂଯୋଗ, ନାମ ସଂଶୋଧନ ଓ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ଶ୍ରୀକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ନିତାନ୍ତ ଆବଶ୍ୟକ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ପ୍ରତିଯୋଗିମାନେ।

ଭୁବନ, ୧୬।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅନଳ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶନିବାର ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନଳ ଜୋନ୍‌ର ୭ଟି ଉଚ୍ଚ ବିଦ୍ୟାଳୟ ଓ ୧୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳାଳିମାନେ କବାଡି, ଖୋଖୋ ଓ ଫୁଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନଳ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡମଶାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଷଡ଼ଙ୍ଗୀ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ କ୍ରିଡା ନିତାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଶାରିରୀକ ଶିକ୍ଷକ ପ୍ରିୟବ୍ରତ ସାହୁ, ସ୍ୱପ୍ନାରାଣୀ ନାୟକ, ବିମ୍ବାଧର ସାହୁ, ପ୍ରସନ୍ନ ମଲିକ, ବାଇଧର ପରିଡ଼ା ଓ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ କ୍ରୀଡା ପାଇଁ ମନୋନିତ ହୋଇଛନ୍ତି।

# ୨ ଜଣଙ୍କୁ ଉଠାଇ ଆଣିଲା ପୋଲିସ

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

ଅନୁଗୋଳ, ୧୬।୯ (ଅମିତ ସାମଲ)

ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ଶନିବାର ବନ୍ତଲା ପୋଲିସ ୨ ଜଣଙ୍କୁ ଉଠାଇ ଆଣି ଅନୁଗୋଳ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଘଟଣାରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ଗିରଫ ହେବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିବ ବୋଲି ଅଧିକାରୀ ଜଣଙ୍କ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

## ଫଟୋରେ ଖବର


ଆଠମଲ୍ଲିକ ବ୍ଲକ ମାନଜର ସେଚ ପ୍ରକଳ୍ପରୁ ଚାଲିଆସିଥିବା ଏକ କୁମ୍ଭୀର ମାଧପୁର-କିଶୋରନଗର ରାସ୍ତା ପାର୍ ହେଉଛି।

# ୨୦୨୨ ପାଇଁ ରାଜେନ୍ଦ୍ର, ୨୦୨୩ ପାଇଁ ଶୁଭସ୍ମିତା ସମ୍ମାନିତ

## ବିମଳ କିଶୋର ମିଶ୍ର ସ୍ମାରକୀ ଶ୍ରେଷ୍ଠ ଛାତ୍ର ସମ୍ମାନ ଉତ୍ସବ

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିମଳ କିଶୋର ମିଶ୍ରଙ୍କ ସ୍ମୃତିରେ ଶ୍ରେଷ୍ଠ ଛାତ୍ର ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୨ ମସିହା ପାଇଁ ଶ୍ରେଷ୍ଠ ଛାତ୍ର ଭାବେ ରାଜେନ୍ଦ୍ର କୁମାର ସାହୁ ଓ ୨୦୨୩ ପାଇଁ ଶ୍ରେଷ୍ଠ ଛାତ୍ରୀ ଭାବେ ଶୁଭସ୍ମିତା ସାହୁ ସମ୍ମାନିତ ହୋଇଛନ୍ତି। ଆୟୋଜିତ ଉତ୍ସବରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଛାତ୍ରୀଛାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜଷ୍ଟିସ ମିଶ୍ର କହିଲେ, କଠିନ ପରିଶ୍ରମର ଅନ୍ୟ କୌଣସି ବିକଳ୍ପ ନାହିଁ। କର୍ମ ହିଁ ଉପାସନା। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ପ୍ରକାଶଚନ୍ଦ୍ର କୁଅଁର ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ବୌଦ୍ଧିକ, ଆତ୍ମିକ ଓ ଚାରିତ୍ରିକ ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ଚେଷ୍ଟା କରିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଥିବା କବି ବ୍ରଜନାଥ ବଡଜେନା, ନୃସିଂହ କାନୁନଗୋ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ସମେତ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଆଲୁମ୍ନି ଆସୋସିଏଶନ ପକ୍ଷରୁ ଶିବସାଇ ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଆଲୁମ୍ନି ଆସୋସିଏଶନ ପକ୍ଷରୁ ବିଶ୍ୱେଶ୍ୱର ମିଶ୍ର, ଦୀପ୍ତିରଞ୍ଜନ ସେଠୀ, ନିରାକାର ପରିଡାଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଶତପଥୀ, ଧ୍ୟାନଚାନ୍ଦ ମିଶ୍ର, ଡ. ଅନୁପମା ମିଶ୍ର, ଦିପ୍ତିଶ କୁମାର ଶତପଥୀ, କିଶୋର ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ବିମଳ କିଶୋର ମିଶ୍ର ସ୍ମାରକୀ ଶ୍ରେଷ୍ଠ ଛାତ୍ର ସମ୍ମାନ ପ୍ରଦାନ କରାଯାଉଛି।

# ଅସମ୍ପୂର୍ଣ୍ଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

## ଜିଲା ପରିଷଦର ୫୬ତମ ସାଧାରଣ ବୈଠକ

ଅନୁଗୋଳ, ୧୬।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୫୬ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ବବିତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପରିଷଦର ବୈଠକ ଠିକ୍ ସମୟରେ ଡକାଯାଉ ନ ଥିବାରୁ ଢେଙ୍କାନାଳ ଏମ୍‌ପି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ପରବର୍ତ୍ତୀ ବୈଠକ ଗୁଡିକ ନିର୍ଦ୍ଧାରିତ ସମୟରେ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଛେଣ୍ଡିପଦା ବିଧାୟକ ବେହେରା ବିଭାଗୀୟ ଅଧିକାରୀ, ଗ୍ରାମାଞ୍ଚଳରେ ଥିବା ରାଜନୈତିକ କର୍ମକର୍ତ୍ତାଙ୍କ ଭିତରେ ରହୁଥିବା ଯୋଗାଯୋଗ ଜନିତ ସମସ୍ୟାକୁ ଦୂର କରାଯାଇ କାର୍ଯ୍ୟକ୍ରମଗୁଡିକ ସମ୍ପାଦନ କଲେ ଜନସାଧାରଣଙ୍କୁ ସୁଫଳ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପାଲଲହଡା ବିଧାୟକ ପାଲ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକଟି ଯୋଜନା ଜନସାଧାରଙ୍କ ହିତ ପାଇଁ ଉଦ୍ଦିଷ୍ଟ। ତେଣୁ ଏଠାରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜନପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କାଲେ ଜନସାଧାରଣ ଉପକୃତ ହୋଇପାରିବେ। ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତରାୟ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ, ଜିଲାର ବିକାଶ ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଏଥିପାଇଁ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ ଜନପ୍ରତିନିଧିଙ୍କ ସହିତ ଯୋଗସୂତ୍ର ରଖି ବିକାଶ ମୂଳକ କାର୍ଯ୍ୟରେ ଥିବା ପ୍ରତିବନ୍ଧକ ସବୁ ହଟାଇବା ଦରକାର। ଏହି ସଭାରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଅତିରିକ୍ତ ନିର୍ବାହୀ ଅଧିକାରୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲା ପରିଷଦ ସାଧାରଣ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

**ସଂକ୍ଷେପରେ**

## ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ଭୁବନ, ୧୬।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଶନିବାର ନୂତନ ନିର୍ବାହୀ ଅଧିକାରୀ ଭାବେ ଅପୂର୍ବ ରଞ୍ଜନ ଆଏଚ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୟୂରଭଞ୍ଜ ଜିଲା କୁସୁମୀ ତହସିଲ କାର୍ଯ୍ୟାଳୟରେ ସହକାରୀ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ଏଠାରେ ଥିବା ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଆଠମଲ୍ଲିକ ତହସିଲଦାର ଭାବେ ବଦଳି ହୋଇଛି। ଅଞ୍ଚଳର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କଲେ ଏନ୍‌ଏସି ବିକାଶର ଶୀର୍ଷରେ ପହଞ୍ଚିପାରିବ ବୋଲି ନୂତନ ନିର୍ବାହୀ ଅଧିକାରୀ ଅପୂର୍ବ ପ୍ରକାଶ କରିଛନ୍ତି।

# ମା, ବାପାଙ୍କୁ ହରାଇଥିବା ୫ ଶିଶୁଙ୍କୁ ସହାୟତା

### ଆଶ୍ରମ ସ୍କୁଲରେ ପଢିବା ବ୍ୟବସ୍ଥା କଲେ ଜିଲାପାଳ

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗୁଣ୍ଡିଚାନାଳି ଗ୍ରାମ ମହ୍ଲାର ସାହିର ମାତା ପିତାଙ୍କୁ ହରାଇଥିବା କାହ୍ନୁ ପଧାନ(୧୨), ନନ୍ଦିନୀ ପଧାନ(୧୧), ଶିବାନୀ ପଧାନ(୯), ତୁଳସୀ ପଧାନ(୬) ଓ କଇରୀ ପଧାନ(୫)ଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସେମାନଙ୍କୁ ଆଶ୍ରମ ସ୍କୁଲରେ ରଖାଯାଇ ପାଠ ପଢ଼ାଯିବାର ବ୍ୟବସ୍ଥା କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ମହ୍ଲାର ସାହିର ଜାନକୀ ପଧାନ ଓ ଦାମ ପଧାନଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେମାନଙ୍କ ୫ ଶିଶୁ ଜେଜେମା'ଙ୍କ ପାଖରେ ରହୁଛନ୍ତି। ପରିଣତ ବୟସରେ ୫ ଶିଶୁଙ୍କୁ ପାଳିବା ଜେଜେ ମା'ଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଏପରିକି ଗୁରୁତର ଆର୍ଥିକ ସ୍ଥିତି ଯୋଗୁ ପିଲାମାନେ ପାଠ ପଢିପାରୁନାହାନ୍ତି। ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଢେଙ୍କାନାଳ ଗସ୍ତ ସମୟରେ ଏହି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ସମ୍ପୃକ୍ତ ଅସହାୟ ଶିଶୁମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଅପରାହ୍ନ ସାଢେ ୪ଟାରେ ସମ୍ପୃକ୍ତ ଶିଶୁମାନଙ୍କୁ ଜିଲା କାର୍ଯ୍ୟାଳୟରେ ରେଡକ୍ରସ ପାଣ୍ଠିରୁ ଭରଣ ପୋଷଣ ପାଇଁ ଜିଲାପାଳ ସେଠୀ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ସେମାନଙ୍କ ଆବଶ୍ୟକ ଯତ୍ନ ନେବା ଓ ଆଶ୍ରମ ସ୍କୁଲରେ ସେମାନଙ୍କୁ ଆଣି ପାଠ ପଢାଇବାର ବ୍ୟବସ୍ଥା କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିଶୁମାନଙ୍କୁ ଗଁଦିଆ ବ୍ଲକ ସୋରିଷିଆପଦାଠାରେ ଥିବା ଆଶ୍ରମ ସ୍କୁଲ ହଷ୍ଟେଲରେ ରଖି ପଢାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ପ୍ରକାଶ ପରିଜା କହିଥିଲେ। ସମ୍ପୃକ୍ତ ଶିଶୁମାନଙ୍କୁ ନୂତନ ପୋଷାକ ପ୍ରଦାନ ସହିତ ବର୍ତ୍ତମାନ ସେମାନଙ୍କୁ ଶିଶୁ ଗୃହରେ ରଖାଯାଇଛି। ପ୍ରଶାସନର ଏହି ସହାୟତା ପାଇଁ ଶିଶୁମାନଙ୍କ ଜେଜେମା' କୃତଜ୍ଞତା ଜଣାଇଛନ୍ତି। ସେହିପରି କଙ୍କଡାହାଡ ବ୍ଲକ ଅଞ୍ଚଳର ମମିତା ନାଏକ ତାଙ୍କର ୨ ବର୍ଷର ଶିଶୁପୁତ୍ର ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଚିକିତ୍ସା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଶିଶୁଟିର ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ଆର୍ଥିକ ପ୍ରଦାନ କରିଥିଲେ। ଏଥିସହିତ ଶିଶୁର ଅଧିକ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ।



୫ ଅସହାୟ ଶିଶୁଙ୍କୁ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଉଛି।

# ଆନ୍ଦୋଳନ ସତ୍ତ୍ୱେ ସମସ୍ତ ସ୍କୁଲ ଖୋଲା ଅଛି

କାମାକ୍ଷାନଗର, ୧୬।୯ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ଶିକ୍ଷକ ଆନ୍ଦୋଳନ ଜାରି ରହଛି। ତେବେ ଏହି ସମୟରେ ବ୍ଲକର ସମସ୍ତ ସ୍କୁଲ ଖୋଲା ରହିଥିବା ବ୍ଲକ ଶିକ୍ଷା ଅଧିକାରୀ ସାଗର ଟୁଡୁ ସୂଚନା ଦେଇଛନ୍ତି। ଚୁକ୍ତି ଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକମାନେ ଆନ୍ଦୋଳନରେ ବସିଥିବାବେଳେ ନିୟମିତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଗଣଶିକ୍ଷକମାନେ ନିଜ ନିଜ କାର୍ଯ୍ୟରେ ଯୋଗଦେଇଛନ୍ତି। ଯେଉଁ ବିଦ୍ୟାଳୟ ଗୁଡିକରେ କେବଳ ଚୁକ୍ତି ଭିତ୍ତିକ ଶିକ୍ଷକ କାର୍ଯ୍ୟ କରୁଛନ୍ତି ସେଠାରେ ଅନ୍ୟ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଛି। ତେବେ ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହୋଇଥିବା ସ୍ୱୀକାର କରିଛନ୍ତି ବ୍ଲକ ଶିକ୍ଷାଅଧିକାରୀ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ରହୁଥିବା ଏବଂ ପାଠପଢ଼ା ନ ଯାଇ କେବଳ ମଧ୍ୟାହ୍ନ ଭୋଜନ ଦେଇ କାମ ଚଳାଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।




କଙ୍କଡ଼ାହାଡ଼ ବ୍ଲକ ସମ୍ମୁଖରେ ଆନ୍ଦୋଳନରତ ଶିକ୍ଷକମାନେ ଝୋଟି ଆଙ୍କି ସରକାରଙ୍କ ପାଖରେ ନିଆରା ଢଙ୍ଗରେ ନିଜର ଦାବି ଉପସ୍ଥାପନ କରୁଛନ୍ତି।

# ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଲକ୍ଷ୍ମୀବଜାର ଢେଙ୍କାନାଳର କର୍ମକର୍ତ୍ତା ଚୟନ ଲକ୍ଷ୍ମୀ ମଣ୍ଡପ ପରିସରରେ ଅନୁଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂଜା ପ୍ରତିଷ୍ଠାନର ପୂର୍ବତନ ସଦସ୍ୟ ହଟ କିଶୋର ନନ୍ଦଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଭାବେ ଜଗଦୀଶ ପ୍ରସାଦ ଅଗ୍ରୱାଲା, କାର୍ଯ୍ୟକାରୀ ସଭାପତି ଭାବେ ରଙ୍ଗାଧର ପାତ୍ର ଓ ପ୍ରଭାକର ବେହେରା, ଉପସଭାପତି ଭାବେ ଦେବାଶିଷ ଦେବଦର୍ଶନ ବେହେରା ଓ ରାଜେଶ କୁମାର ସୋନୀ, ସାଧାରଣ ସମ୍ପାଦକ ରବିନାରାୟଣ ବେହେରା, ସହ ସମ୍ପାଦକ ସତ୍ୟସ୍ୱରୂପ ଦାସ ଓ ମାୟାଧର ପାତ୍ର ପ୍ରମୁଖଙ୍କୁ ପୁନର୍ବାର ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବେହେରାଙ୍କ ପ୍ରସ୍ତାବ କ୍ରମେ ଆଇନ ଉପଦେଷ୍ଟା ଭାବେ ପଦ୍ମଭୂଷଣ ସାହୁଙ୍କୁ ମନୋନୀତ କରାଯାଇଥିଲା। ବିଗତବର୍ଷ ୨୦୨୨ ହୀରକ ଜୟନ୍ତୀ ଉତ୍ସବର ଆୟବ୍ୟୟ ବିବରଣୀ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପୂଜା ଶାନ୍ତି ଶୃଙ୍ଖଳା ଓ ଆଡମ୍ବର ସହ ପାଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ ତାରିଖରେ ସୁନିଆ ଉପଲକ୍ଷେ ମା'ଙ୍କ ମୂର୍ତ୍ତୀ ନିର୍ମାଣ ପାଇଁ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକାରୀ ସଭାପତି ରଙ୍ଗାଧର ପାତ୍ର ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠାରୁ ଆୟୁଷ୍ମାନ ଭବ ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭା ଗୃହରେ ଶନିବାର ଜିଲାସ୍ତରୀୟ ଆୟୁଷ୍ମାନ ଭବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ଏହି ଆୟୁଷ୍ମାନ ଭବ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେବ। ମୋ ବ୍ଲକ ମୋ ପଞ୍ଚାୟତ ସଭାରେ କିଭଳି ଲୋକମାନଙ୍କୁ ସୂଚନା ପତ୍ରିକା ମାଧ୍ୟମରେ ସଚେତନ କରିହେବ ସେ ସମ୍ପର୍କରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।




ଜିଲାସ୍ତରୀୟ ଆୟୁଷ୍ମାନ ଭବ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ସଂକ୍ରାମକ ରୋଗ ଓ ଅଣ ସଂକ୍ରାମକ ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରିବା ସହ ମାଗଣାରେ ଚିକିତ୍ସା କରାଯିବ ବୋଲି ସୂଚନା ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପାୱାର ପଏଣ୍ଟ ମାଧ୍ୟମରେ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଜୟକୃଷ୍ଣ ନାୟକ, ଜିଲା ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ଜୟ ନାରାୟଣ ପାଢୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଜୋନସ୍ତର ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଢେଙ୍କାନାଳ ସହର ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପରିବେଶ ପାଇଁ ଓଜୋନ୍ ସ୍ତରର ପ୍ରଭାବ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ନିଜର ମତ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ କନ୍ୟା କୁମାରୀ ଭୂତିଆ ଧନ୍ୟବାଦ ପ୍ରଦାନ କରିଥିଲେ।




ସୁଲକ୍ଷଣା ଦେବୀ ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି।

# ସହାୟତା ବାବଦକୁ ୨କୋଟି ୪୪ଲକ୍ଷ ଟଙ୍କା ପ୍ରଦାନ



ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିରରେ ଅତିଥିଙ୍କ ସହ ଉପକୃତ ହିତାଧିକାରୀମାନେ।

ଢେଙ୍କାନାଳ, ୧୬।୯ (ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକସ୍ଥିତ ପାଣି ପଞ୍ଚାୟତ ସଭା ଗୃହରେ ଶନିବାର ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗ ଦେଇଥିଲେ। ଏହି ଶିବିରରେ ୨୧୮ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ବାବଦକୁ ୧ କୋଟି ୮ଲକ୍ଷ ଟଙ୍କା, ୭୦ଜଣଙ୍କ ମୃତ୍ୟୁକାଳୀନ ସହାୟତା ରାଶି ୧କୋଟି ୩୩ଲକ୍ଷ ଟଙ୍କା, ୫୭ଜଣଙ୍କ ଅନ୍ତେଷ୍ଟିକ୍ରିୟା ଜନିତ ସହାୟତା ରାଶି ୨ ଲକ୍ଷ ୮୫ ହଜାରକୁ ମିଶାଇ ମୋଟ ୩୪୬ ହିତାଧିକାରୀଙ୍କୁ ୨କୋଟି ୪୪ଲକ୍ଷ ୩୨ହଜାର ଟଙ୍କା ଏବଂ ଜଣେ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ରାଶି ୪୦ ହଜାର ଟଙ୍କା ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲା। ୨୧୦ ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ଓ ୨୨ଜଣଙ୍କୁ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଅଧୀନରେ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଜିଲା ଶ୍ରମ ଆୟୁକ୍ତ ମୋନାଲିସା ନାୟକ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ହଳଧର ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟ୍ରକ୍ ଧକ୍କାରେ ଟ୍ରକ୍ ମାଲିକ ମୃତ

ପାଲଲହଡା, ୧୬।୯ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର କଲେଜ ଛକ ନିକଟରେ ଶନିବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ଟ୍ରକ୍ ମାଲିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହାରାଷ୍ଟ୍ର ଅଞ୍ଚଳର ଆନ୍ନା ପାଟିଲ ଯାଦବ। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ଦୁଇତିନି ଦିନ ପୂର୍ବରୁ କେନ୍ଦୁଝରରୁ ପାଲଲହଡ଼ା ଅଭିମୁଖେ ଆସୁଥିବା ଟ୍ରକ୍ ନଂ.(ଏନ୍‌ଏଲ-୦୧ଏସି-୭୫୭୭) ଖରାପ ହୋଇ କଲେଜ ଛକ ନିକଟ ରାସ୍ତାରେ ଛିଡା ହୋଇଥିଲା। ଶନିବାର ସନ୍ଧ୍ୟାରେ ଚାଳକ ଟ୍ରକ୍ ମରାମତି କରୁଥିବାବେଳେ ଗାଡି ମାଲିକ ଆନ୍ନା ନିକଟରେ ଛିଡା ହୋଇଥିଲେ। ସେହି ସମୟରେ ଆଉ ଏକ ଟ୍ରକ ନଂ.(ଓଆର-୦୯ଏମ୍-୧୯୧୯) ଆନ୍ନାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶିକ୍ଷକଙ୍କ ପରିବାରକୁ ସହାୟତା

କାମାକ୍ଷାନଗର, ୧୬।୯ (ଅମଜାଦ ଖାନ)

କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ମହୁଲିଠାରେ ଗତ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରାଇବୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ୱର୍ଗତ ସହଦେବ ବିଶ୍ୱାଳଙ୍କ ପରିବାର ବର୍ଗଙ୍କୁ ଶନିବାର କଙ୍କଡ଼ାହାଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ସାଗର କୁମାର ଟୁଡୁ, ବିଆରସିସି ବିଶ୍ୱେଶ୍ୱର ମିଶ୍ର ସାକ୍ଷାତ କରିଛନ୍ତି। ଏଥିସହ ସ୍ୱର୍ଗତ ସହଦେବଙ୍କ ସ୍ତ୍ରୀ ସୁମତି ଦେହୁରୀଙ୍କୁ ସରକାରଙ୍କ ଜିଆଇଏସ୍ ପାଣ୍ଠିରୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି। ସ୍ୱର୍ଗତ ବିଶ୍ୱାଳ ଜଣେ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ପ୍ରଥମେ ବିଦ୍ୟାଳୟକୁ ନିଆଯାଇଥିଲା। ଏହି ସମୟରେ ଶିକ୍ଷକ ସଂଘ ସଭାପତି ଅଶୋକ ସାହୁ, ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଶିବପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ଦେହୁରୀ, ଉପସଭାପତି ପ୍ରଫୁଲ୍ଲ ବାରିକ, ଲକ୍ଷ୍ମୀଧର ବେହେରା, ଅସିତ୍ କୁମାର ସିଂହଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସ୍ୱର୍ଗତ ସହଦେବଙ୍କ ସ୍ତ୍ରୀ ସୁମତି ଦେହୁରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଉଛି।

# ସାହସିକତା ପୁରସ୍କାର ପାଇଲେ ଅରବିନ୍ଦ

ଭୁବନ, ୧୬।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୪ ନଂ. ୱାର୍ଡର ଅରବିନ୍ଦ ସାହୁ ଶନିବାର ରାଜ୍ୟପାଳଙ୍କ ଦ୍ୱାରା ସାହସିକତା ପୁରସ୍କୃତ ହୋଇଛନ୍ତି। ସେ ମାତା ରମାରାଣୀ ସାହୁ ଓ ପିତା ନିରଞ୍ଜନ ସାହୁଙ୍କ ଏକମାତ୍ର ପୁତ୍ର। ଅରବିନ୍ଦ ପିଲାଟି ଦିନରୁ ଦେଶ ସେବା କରିବା ପାଇଁ ମନ ବଳାଇ ଥିଲେ। ୨୦୧୩ ମସିହାରେ ଯାଜପୁର ଜିଲା କଳିଙ୍ଗନଗରଠାରେ ଥିବା ତୃତୀୟ ଇଣ୍ଡିଆ ରିଜର୍ଭ ବାଟାଲିୟନରେ କମାଣ୍ଡୋ ଭାବେ ଯୋଗ ଦେଇଥିଲେ। ୨୦୧୯ ମସିହାରେ ସତନ୍ତ୍ର ଅପରେସନ ପାଇଁ ଗ୍ରୁପରେ କୋରାପୁଟ ଯାଇଥିଲେ। ସେହି ସମୟରେ ୫ଜଣ ନକ୍ସଲଙ୍କୁ ନିହତ କରି ରାଷ୍ଟ୍ରପତିଙ୍କ ଠାରୁ ସାହସିକତା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୨୧ ଜାନୁୟାରୀ ୨୬ରେ ସମୁଦାୟ ୬୭ ଜଣଙ୍କୁ ଏହି ସାହସିକତା ସମ୍ମାନ ମିଳିବାକୁ ଥିବାବେଳେ କୌଣସି କାରଣବଶତ ଏହାର ସମୟସୀମା ଘୁଞ୍ଚାଇ ଦିଆଯାଇଥିଲା। ଶନିବାର ଲୋକସେବା ଭବନରେ ରାଜ୍ୟପାଳଙ୍କ ଦ୍ୱାରା ଅରବିନ୍ଦଙ୍କୁ ସାହସିକତା ସମ୍ମାନ ଦିଆଯାଇଥିଲା। ଅରବିନ୍ଦ ପଦୋନ୍ନତି ପାଇ କନଷ୍ଟେବଳ ଭାବେ କଳିଙ୍ଗନଗର ସ୍ଥିତ ତୃତୀୟ ଇଣ୍ଡିଆ ରିଜର୍ଭ ବାଟାଲିୟନରେ କାର୍ଯ୍ୟ କରୁଛନ୍ତି।




ଲୋକସେବା ଭବନରେ ରାଜ୍ୟପାଳ, ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ, ପୋଲିସ ଅଧିକାରୀଙ୍କ ସହ ସମ୍ମାନିତ ଅରବିନ୍ଦ ଓ ଅନ୍ୟମାନେ।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ ପକ୍କା ଘର ଦାବି

### ସହାୟତାର ହାତ ବଢ଼ାଇଲେ ସାମାଜିକ କର୍ମୀ

କାମାକ୍ଷାନଗର, ୧୬।୯ (ଅମଜାଦ ଖାନ)

ଗରିବ ଓ ଅସହାୟ ଲୋକଙ୍କ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ତାହା ଅନେକେଙ୍କ ନିକଟରେ ଏଯାଏ ପହଞ୍ଚିପାରି ନାହିଁ। ଯାହାର ଉଦାହରଣ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ପାଟରା ସାହି ଓ ମହାବିରୋଡ଼ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ଦୁଇ ପଞ୍ଚାୟତର ଏକ ବୃଦ୍ଧ ଦମ୍ପତି ଓ ଜଣେ ବୃଦ୍ଧା ସରକାରଙ୍କ ପକ୍କା ଘର ଯୋଜନାରୁ ବଞ୍ଚିତ ରହିଥିବା ସାମାଜିକ କର୍ମୀ 'ଯୁବଶକ୍ତି'ର ଅଧ୍ୟକ୍ଷ ତଥା ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ବିଡିଓଙ୍କୁ ଜଣାଇଛନ୍ତି। ଏଥିସହ ସେମାନଙ୍କୁ କିଛି ସହାୟତା ପ୍ରଦାନ କରିଛନ୍ତି।

ପଙ୍ଗାତିରା ପଞ୍ଚାୟତ ପାଟରା ସାହିର ବଙ୍କା ପେଣ୍ଠଇ (୯୫) ଓ ସ୍ତ୍ରୀ ଗୁରେଇ ପେଣ୍ଠଇ (୯୦) କୁଡ଼ିଆ ଘରେ ରହୁଥିବାବେଳେ କେବଳ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। କିନ୍ତୁ ପକ୍କା ଘର ସେମାନଙ୍କୁ ମିଳି ନ ଥିବାରୁ ବର୍ଷା ହେଲେ କୁଡ଼ିଆରେ ବଡ଼ ଅସୁବିଧାରେ ରହୁଛନ୍ତି। ସେହିପରି ମହାବିରୋଡ଼ ପଞ୍ଚାୟତର ବୃଦ୍ଧା ଗୁଞ୍ଜର ବେହେରାଙ୍କ ଘର ନ ଥିବାରୁ ସେ ଗ୍ରାମର ଏକ ପରିତ୍ୟକ୍ତ ବୈଠକ ଘରେ ଆଶ୍ରୟ ନେଇଛନ୍ତି। ତାଙ୍କର ଅନ୍ୟ କେହି ସାହାରା ନ ଥିବାବେଳେ କେବଳ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଏପରି କି ପେଟକୁ ଗଣ୍ଡେ ଦାନା ଖାଇବା ପାଇଁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁନାହିଁ। ପକ୍କା ଘର ତ ତାଙ୍କ ପାଇଁ ସାତସପନ ପାଲଟିଛି। ଏହି ଖବରପାଇ ସାମାଜିକ କର୍ମୀ ବାରିକ ଶନିବାର ସେମାନଙ୍କ ନିକଟରେ ପହଞ୍ଚି ଚୂଡ଼ା, ଚିନି, କଦଳୀ, ବ୍ରେଡ୍, ବିସ୍କୁଟ୍ ଆଦି ପ୍ରଦାନ କରିଛନ୍ତି। ଏଥିସହ କଙ୍କଡାହାଡ଼ ବ୍ଲକ ପ୍ରଶାସନ ପକ୍ଷରୁ ରାଶନ ଚାଉଳ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବା ପାଇଁ ବିଡିଓ ଯଶୋବନ୍ତ ଦେହୁରୀଙ୍କୁ ଫୋନ୍ ଯୋଗେ ଦାବି କରିଛନ୍ତି। ସାମାଜିକ କର୍ମୀଙ୍କଠାରୁ ଖବର ପାଇବା ପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ ପ୍ରକାଶ କରିଛନ୍ତି।



ଅସହାୟ ବୃଦ୍ଧା ଗୁଞ୍ଜର ବେହେରା। ବଙ୍କା ପେଣ୍ଠଇ ଓ ସ୍ତ୍ରୀ ଗୁରେଇଙ୍କ ସହ ସାମାଜିକ କର୍ମୀ।

